# NATIONAL NEWS BULLETIN (ODIA)

**15 September - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଗୁଜୁରାଟର ଗାନ୍ଧୀନଗର ମହାତ୍ମା ମନ୍ଦିରରେ ଦୁଇଦିନିଆ ବିଶ୍ୱ ପୁନଃ ସଂଯୋଜିତ ଅର୍ଥନୀତି ସମ୍ମିଳନୀ ଆରମ୍ଭ ।

- ଭାରତ ଏହାର ପ୍ରାଚୀନ ସାଂସ୍କୃତିକ ଅଭ୍ୟାସକୁ ସମସାମୟିକ ନୀତିରେ ଆଧୁନିକରଣ କରିଛି -କହିଲେ  କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ।

- ଦୂରଦର୍ଶନ ଆଜି ତା'ର ସଫଳ ପ୍ରସାରଣ ଜୟଯାତ୍ରାର ୬୭ତମ ବର୍ଷ କଲା ପୂରଣ ।

- ଇଞ୍ଜିନିୟର୍ସ ଦିବସ ଅବସରରେ ଭାରତରତ୍ନ ଏମ୍ ବିଶେଶ୍ୱରାୟଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଓ ପ୍ରତିରକ୍ଷାମନ୍ତ୍ରୀ ।

ଏବଂ

- ଭାରତ-ଆଫଗାନିସ୍ତାନ ପୁରୁଷବର୍ଗ ଚଳିତ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍‌ର ଆଜି ଖେଳାଯିବ ଦ୍ୱିତୀୟ ମ୍ୟାଚ୍ ।

# ଗୁଜରାଟ-ଓ୍ୱାର୍ଲ୍ଡ ଇକୋନମିକ୍ ଫୋରମ୍

ଗୁଜୁରାଟର ଗାନ୍ଧୀନଗରସ୍ଥିତ ମହାତ୍ମା ମନ୍ଦିରରେ ବିଶ୍ୱ ପୁନଃ ସଂଯୋଜିତ ଅର୍ଥନୀତି ସମ୍ମିଳନୀ-୨୦୨୬ ଆଜି ଆରମ୍ଭ ହୋଇଛି । ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଏବଂ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କ ଦ୍ୱାରା ଉଦ୍‌ଘାଟିତ ଏହି ଦୁଇଦିନିଆ ସମ୍ମିଳନୀ ଭାରତରେ ପ୍ରଥମଥର ପାଇଁ ଅନୁଷ୍ଠିତ ହୋଇଛି । ଉଦ୍‌ଘାଟନୀ ଅଧିବେଶନକୁ ସମ୍ବୋଧିତ କରି କେନ୍ଦ୍ରମନ୍ତ୍ରୀ ଶ୍ରୀ ଯାଦବ ନିରନ୍ତର ବିକାଶ ଢ଼ାଞ୍ଚାରେ ପୁନଃ ସଂଯୋଜିତ ଅର୍ଥବ୍ୟବସ୍ଥା ନୀତିଗୁଡ଼ିକୁ ସାମିଲ କରିବା ଲାଗି ଭାରତର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି । ସେ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ପୁନଃ ବ୍ୟବହାର, ମରାମତି ଏବଂ ସଂରକ୍ଷଣ ମୂଲ୍ୟବୋଧ ଭଳି ଏହାର ପ୍ରାଚୀନ ସାଂସ୍କୃତିକ ଅଭ୍ୟାସକୁ ସମସାମୟିକ ନୀତିରେ ଆଧୁନୀକରଣ କରିଛି । ବର୍ଦ୍ଧିତ ଉତ୍ପାଦକ ଦାୟିତ୍ୱ-ଇପିଆର୍ ନିୟମାବଳୀ ଏବଂ ଜୀବିକା ମିଶନ ଭଳି ପଦକ୍ଷେପ ଗୁଡ଼ିକ ଏହି ସଂଯୋଜିତ ଅର୍ଥନୈତିକ ଯାତ୍ରାରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମନ୍ତ୍ରୀ କହିଛନ୍ତି ।

'ପୁନଃ ସଂଯୋଜିତ ଅର୍ଥନୀତି : ଲୋକଙ୍କ ପାଇଁ ପରିବର୍ତ୍ତନ ଓ ସମୃଦ୍ଧି' ପ୍ରସଙ୍ଗ ଉପରେ ଏହି ସମ୍ମିଳନୀ ଅନୁଷ୍ଠିତ ହେଉଛି । ଏଥିରେ ୬୫ରୁ ଅଧିକ ଦେଶର ୨ହଜାରରୁ ଅଧିକ ପ୍ରତିନିଧି ଅଂଶଗ୍ରହଣ କରିଛନ୍ତି । ଦକ୍ଷିଣ ଏସିଆରେ ଆର୍ଥିକ ପରିବର୍ତ୍ତନ କ୍ଷେତ୍ରରେ ନିରନ୍ତରତାକୁ ପ୍ରୋତ୍ସାହିତ କରିବାରେ ଏହି ସମ୍ମିଳନୀ ଏକ ମଞ୍ଚ ପ୍ରଦାନ କରିଛି ।

ପୁନଃ ବ୍ୟବହାର, ପୁନଃ ପ୍ରସ୍ତୁତି ଏବଂ ପୁନଃ ଚକ୍ରଣକୁ ଗୁରୁତ୍ୱ ଦେଇ ବୈଶ୍ୱିକ ସ୍ତରରେ ଆର୍ଥିକ ବ୍ୟବସ୍ଥାକୁ ପୁନଃ ସଂଯୋଗୀକରଣ ସହ ତ୍ୱରାନ୍ୱିତ କରିବାରେ ଏହି ସମ୍ମିଳନୀ ଲକ୍ଷ୍ୟ ରଖିଛି । ଦୁଇ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ସମ୍ମିଳନୀରେ କୃତ୍ରିମ ବୁଦ୍ଧିମତାର ଉପଯୋଗ, ସବୁଜ ଶକ୍ତି, ନିରନ୍ତର ଅର୍ଥନୀତି, ଶାସନ ଏବଂ ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ଭଳି ପ୍ରମୁଖ ପ୍ରସଙ୍ଗ ଆଧାରରେ ଚାରୋଟି ପୂର୍ଣ୍ଣାଙ୍ଗ ଓ ୧୬ଟି ବିଷୟବସ୍ତୁ ଆଧାରିତ ଅଧିବେଶନର ଆୟୋଜନ କରାଯିବ । ଏହି ଅବସରରେ ପୁନଃ ସଂଯୋଜିତ ବ୍ୟାବସାୟିକ ରୂପରେଖକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟରେ ଏକ ପ୍ରଦର୍ଶନୀ ଆୟୋଜନ କରାଯିବ । ଏଥିରେ ୧୨୫ରୁ ଅଧିକ ପ୍ରଦର୍ଶକ ଅଂଶଗ୍ରହଣ କରିବେ ।

## ଆଇସିଡବ୍ଲ୍ୟୁଏ-ସିଲଭର ଜୁବଲି

ପ୍ରତିଷ୍ଠିତ ଜାତୀୟ ଅନୁଷ୍ଠାନ ଭାରତୀୟ ବିଶ୍ୱ ବ୍ୟାପାର ପରିଷଦ - ଆସିଡବ୍ଲ୍ୟୁଏ ତା'ର ରୌପ୍ୟଜୟନ୍ତୀ ପାଳନ କରୁଛି । ଏହି ଅବସରରେ ଆୟୋଜିତ ସମାରୋହକୁ ସମ୍ବୋଧିତ କରି ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ କହିଛନ୍ତି ବିଶ୍ୱରେ ଦେଖାଦେଇଥିବା ସାମ୍ପ୍ରତିକ ବିବାଦ ଓ ଯୁଦ୍ଧସ୍ଥିତି ମଧ୍ୟରେ ନୂଆଦିଲ୍ଲୀରେ ବ୍ରିକ୍ସ ଶିଖର ସମ୍ମିଳନୀର ସଫଳ ଆୟୋଜନ ବାସ୍ତବରେ ଉଲ୍ଲେଖନୀୟ । ନୂଆଦିଲ୍ଲୀ ଘୋଷଣାନାମାକୁ ଏକ ପ୍ରମୁଖ ସଫଳତାଭାବେ ପ୍ରଶଂସା କରି ଉପରାଷ୍ଟ୍ରପତି କହିଛନ୍ତି ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ହାସଲ କ୍ଷେତ୍ରରେ ଆସିଡବ୍ଲ୍ୟୁଏ

ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ । ଅନୁଷ୍ଠାନର ଐତିହ୍ୟ, ସଂସ୍ଥାଗତ ଢ଼ାଞ୍ଚା ଏବଂ ବୌଦ୍ଧିକ ପରମ୍ପରା ବିକଶିତ ଭାରତ ସ୍ୱପ୍ନ ପୂରଣ କରିବାରେ ସହାୟକ ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି ।

ସମାରୋହରେ ଉଦ୍‌ବୋଧନ ଦେଇ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କହିଥିଲେ ଭାରତ’ ବିଶ୍ୱସ୍ତରୀୟ ଆହ୍ୱାନ ଉପରେ ନିଜର ଦୃଷ୍ଟିକୋଣକୁ ଅତ୍ୟନ୍ତ ଆତ୍ମବିଶ୍ୱାସର ସହ ଉପସ୍ଥାପନ କରୁଛି । ଦେଶର ସ୍ୱାର୍ଥ ଅଧିକରୁ ଅଧିକ ବିଶ୍ୱସ୍ତରୀୟ ହେବାରେ ଲାଗିଛି । ଜୀବଜଗତ ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟିକରିବା ସହ ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଭାରତର ଦାୟିତ୍ୱ ବୃଦ୍ଧି ପାଇଛି । ବର୍ତ୍ତମାନର ଉଦୀୟମାନ ଭାରତ ଅଧିକରୁ ଅଧିକ ଏହାର ନିଜସ୍ୱ ଇତିହାସ, ଅଭିଜ୍ଞତା, ଆଗ୍ରହ, ଧାରଣା ଏବଂ ପରିଭାଷାକୁ ବିଶ୍ୱର ଦୃଷ୍ଟିକୋଣକୁ ଆଣିବା ଆବଶ୍ୟକ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି ।

## ଦୂରଦର୍ଶନ-ଫାଉଣ୍ଡେସନ

ଦୂରଦର୍ଶନ ଆଜି ତା’ର ସଫଳ ଜୟଯାତ୍ରାର ୬୭ ବର୍ଷ ପୂରଣ କରିଛି । ୧୯୫୯ ମସିହା ସେପ୍ଟେମ୍ବର ମାସ ଆଜିର ଦିନରେ ଭାରତରେ ଦୂରଦର୍ଶନ ଜରିଆରେ ପ୍ରସାରଣର ଯୁଗ ଆରମ୍ଭ ହୋଇଥିଲା । ପୂର୍ବତନ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦ ପ୍ରଥମ ପ୍ରସାରଣକୁ ଉଦ୍‌ଘାଟନ କରିଥିଲେ । ୧୯୭୫ ମସିହା ପର୍ଯ୍ୟନ୍ତ ଦୂରଦର୍ଶନ, ଅଲ୍ ଇଣ୍ଡିଆ ରେଡିଓର ଏକ ଅଂଶ

ଭାବେ କାର୍ଯ୍ୟ କରୁଥିଲା । ୧୯୭୬ ମସିହା ଏପ୍ରିଲ୍ ୧ ତାରିଖରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନରେ ଏକ ସ୍ୱତନ୍ତ୍ର ୱିଙ୍ଗ୍ ଭାବେ ଦୂରଦର୍ଶନ କାର୍ଯ୍ୟ କରିବା ସହ ପରେ ପ୍ରସାର ଭାରତୀ ଅଧୀନକୁ ଆସିଥିଲା । ଆଜିର ଦିନରେ ଦୂରଦର୍ଶନ ଭାରତର ବୃହତ ପ୍ରସାରଣକାରୀ ସଂସ୍ଥା ଭାବେ ଖ୍ୟାତି ଅର୍ଜନ କରିଛି । ସଂଖ୍ୟାଧିକ ଷ୍ଟୁଡିଓ, ସାଟେଲାଇଟ୍ ଏବଂ ଡିଟିଏଚ୍ ସେବା ଜରିଆରେ ଦେଶର ଶତପ୍ରତିଶତ ଲୋକଙ୍କ ପାଖରେ ଦୂରଦର୍ଶନର ପ୍ରସାରଣ ସେବା ପହଞ୍ଚି ପାରିଛି । ଏକ ସଙ୍ଗେ ଟେଲିଭିଜନ, ଅନ୍‌ଲାଇନ୍, ମୋବାଇଲ୍ ସେବାରେ ଉଭୟ ଗ୍ରାମାଞ୍ଚଳ, ସହରାଞ୍ଚଳ ଓ ଅନ୍ତର୍ଜାତୀୟ ସ୍ତରରେ ଦୂରଦର୍ଶନର ପ୍ରସାରଣ ଉପଲବ୍ଧ ହେଉଛି ।

## ରାଜନାଥ-ବିମର୍ଶ

ପ୍ରତିରକ୍ଷା, ଗବେଷଣା ଓ ବିକାଶ ସଂଗଠନ-ଡିଆର୍‌ଡିଓ ଏବଂ ଉଦ୍ୟୋଗ ମଧ୍ୟରେ ଭାଗିଦାରିତା ଭାରତକୁ ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ଏକ ବିଶ୍ୱସ୍ତରୀୟ ହବ୍‌ରେ ପରିଣତ କରିପାରିବ ବୋଲି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି । ନୂଆଦିଲ୍ଲୀରେ ‘ବିମର୍ଶ-୨୦୨୬’ରେ ଡିଆର୍‌ଡିଓ - ଶିଳ୍ପସମନ୍ୱୟ ସମ୍ମିଳନୀକୁ ସମ୍ବୋଧିତ କରି ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି, ବିଗତ ବର୍ଷ ଗୁଡ଼ିକରେ ଡିଆର୍‌ଡିଓ କ୍ଷେପଣାସ୍ତ୍ରଠାରୁ ଆରମ୍ଭ କରି ରାଡାର, ଯୁଦ୍ଧବିମାନ, ବୁଡ଼ାଜାହାଜ, ଇଲେକ୍ଟ୍ରୋନିକ୍ସ ଯୁଦ୍ଧପ୍ରଣାଳୀ ଓ

କୃତ୍ରିମ ବୁଦ୍ଧିମତା ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ନିଜର ସାମର୍ଥ୍ୟ ପ୍ରଦର୍ଶନ କରିଆସିଛି । ତେବେ ପ୍ରତିରକ୍ଷା କ୍ଷେତ୍ରରେ ଗବେଷଣା ଏବଂ ବିକାଶ ପାଇଁ କେବଳ ସରକାର କିମ୍ବା ଡିଆରଡିଓର ପ୍ରୟାସ ଯଥେଷ୍ଟ ନୁହେଁ; ଏଥିପାଇଁ ସବୁ ଅଂଶୀଦାରଙ୍କ ମିଳିତ ପ୍ରୟାସ ଆବଶ୍ୟକ ବୋଲି ମନ୍ତ୍ରୀ କହିଛନ୍ତି ।

**V/O**

# ଇଞ୍ଜିନିୟର୍ସ ଡେ

ଦେଶର ସର୍ବଶ୍ରେଷ୍ଠ ଖ୍ୟାତନାମା ଇଞ୍ଜିନିୟର ଭାରତରତ୍ନ ମୋକ୍ଷଗୁଣ୍ଡମ ବିଶେଶ୍ୱରାୟାଙ୍କ ଜୟନ୍ତୀକୁ ସମ୍ମାନ ଜଣାଇ ଆଜି ଜାତୀୟ ଇଞ୍ଜିନିୟର ଦିବସ ପାଳନ କରାଯାଉଛି । ଦେଶର ନିର୍ମାଣ କ୍ଷେତ୍ରକୁ ବିଶେଶ୍ୱରାୟାଙ୍କ ଅବଦାନକୁ ସ୍ମରଣ କରିବା ଏବଂ ଦେଶର ଅଭିବୃଦ୍ଧିରେ ଇଞ୍ଜିନିୟରମାନଙ୍କ ଭୂମିକାକୁ ସମ୍ମାନ ଜଣାଇ ପ୍ରତିବର୍ଷ ସେପ୍ଟେମ୍ବର ୧୫ ତାରିଖରେ ଏହି ଦିବସ ପାଳନ କରାଯାଏ ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ' ଏମ୍ ବିଶେଶ୍ୱରାୟାଙ୍କୁ ତାଙ୍କ ଜନ୍ମବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପ୍ରଧାନମନ୍ତ୍ରୀ କହିଛନ୍ତି ବିଶେଶ୍ୱରାୟା ଜଣେ ପ୍ରତିଭାବାନ ଇଞ୍ଜିନିୟର ଥିଲେ, ଯାହାଙ୍କ ରାଷ୍ଟ୍ରନିର୍ମାଣ ଦୃଷ୍ଟିକୋଣ ନାଗରିକମାନଙ୍କୁ ପ୍ରେରଣା ଯୋଗାଇଛି । ଏକ ଉତ୍ତମ ଭବିଷ୍ୟତ ପାଇଁ ନିର୍ମାଣ, ନବସୃଜନ ଏବଂ ସମାଧାନ ପ୍ରଦାନ କରିବାରେ ବହୁମୂଲ୍ୟ ଯୋଗଦାନ ପାଇଁ ପ୍ରଧାନମନ୍ତ୍ରୀ ଦେଶର ଇଞ୍ଜିନିୟରମାନଙ୍କୁ ଏହି ଅବସରରେ ଅଭିନନ୍ଦନ ଜଣାଇଛନ୍ତି ।

**V/O**

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି ବିଶେସ୍ୱରାୟାଙ୍କ ଉଲ୍ଲେଖନୀୟ ଅବଦାନ ରାଷ୍ଟ୍ର ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଏହି ଅବସରରେ ଶ୍ରୀ ଶାହା ଦେଶର ଇଞ୍ଜିନିୟରମାନଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି ସେମାନଙ୍କ ନିରନ୍ତର ନବସୃଜନ ଓ ଅଭିବୃଦ୍ଧି ମାଧମରେ ଭାରତର ପ୍ରଗତି ଆଗେଇ ଚାଲିଛି ।

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ବିଶେସ୍ୱରାୟାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଭାରତର ରାଷ୍ଟ୍ରନିର୍ମାଣ ଯାତ୍ରାରେ ତାଙ୍କର ଅସାଧାରଣ ଅବଦାନ ସର୍ବଦାନ ସ୍ମରଣ ହୋଇ ରହିବ ବୋଲି କହିଛନ୍ତି ।

# ୟୁଏସ୍-ଇରାନ

ସର୍ତ୍ତପୂରଣ ନ ହେବା ପର୍ଯ୍ୟନ୍ତ ଆମେରିକା ସହିତ କୌଣସି ଆଲୋଚନା ହେବନାହିଁ ବୋଲି ଇରାନ୍‌ର ସର୍ବୋଚ୍ଚ ଜାତୀୟ ସୁରକ୍ଷା ପରିଷଦର ସଚିବ ମୋହସିନ୍ ରେଜାଇ କହିଛନ୍ତି । ସାମାଜିକ ଗଣମାଧ୍ୟମରେ ମୋହସିନ୍ ଦେଇଥିବା ଏହି ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଦାବି କରିଛନ୍ତି ଯେ, ତେହେରାନ୍ ଏହି ଚୁକ୍ତି କରିବାକୁ ଚାହୁଁଛି ଏବଂ ୱାଶିଂଟନ୍ ଏହାସହିତ ପୁର୍ନବାର ଆଲୋଚନା କରିପାରିବ ।

ଚଳିତବର୍ଷ ଜୁନ୍ ୧୮ ତାରିଖରେ ଆମେରିକା ଏବଂ ଇରାନ୍ ଲେବାନନ୍ ସହିତ ସମସ୍ତ କ୍ଷେତ୍ରରେ ଯୁଦ୍ଧ ସମାପ୍ତ କରିବା ପାଇଁ ଏକ ବୁଝାମଣାପତ୍ର

ସ୍ୱାକ୍ଷର କରିଥିଲେ । ଏହି ବୁଝାମଣା ଅନୁସାରେ ଉଭୟ ଏକ ଚୂଡ଼ାନ୍ତ ରାଜିନାମାରେ ପହଞ୍ଚିବା ପାଇଁ ୬୦ ଦିନ ମଧ୍ୟରେ ଆଲୋଚନା କରିବାର କାର୍ଯ୍ୟକ୍ରମ ଥିଲା । କିନ୍ତୁ ଦୁଇଦେଶ ମଧ୍ୟରେ ପୁଣି ଉତ୍ତେଜନାମୂଳକ ସ୍ଥିତି ସୃଷ୍ଟି ହୋଇଥିବାରୁ ଏହି ଆଲୋଚନାର ଭବିଷ୍ୟତ ଅସ୍ପଷ୍ଟ ରହିଛି ।

## ଡିଓଆର୍‌ଡି-ଏମ୍‌ଓୟୁ

ଗ୍ରାମୀଣ ବିକାଶ ବିଭାଗ-ଡିଓଆର୍‌ଡି ଓ ପେନ୍‌ସନ ପାଣ୍ଠି ନିୟାମକ ଏବଂ ବିକାଶ ପ୍ରାଧିକରଣ - ପିଏଫ୍‌ଆର୍‌ଡିଏ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଗ୍ରାମୀଣ ପରିବାର ମଧ୍ୟରେ ସାମାଜିକ ସୁରକ୍ଷାକୁ ମଜଭୁତ କରିବା ପାଇଁ ଏହି ଚୁକ୍ତିନାମା ସ୍ୱାକ୍ଷର ହୋଇଥିବା ମନ୍ତ୍ରଣାଳୟ କହିଛି । ଏହି ଭାଗିଦାରୀ ଦ୍ୱାରା ଦୀନ୍‌ଦୟାଲ ଅନ୍ତୋଦୟ ଯୋଜନା-ଜାତୀୟ ଗ୍ରାମୀଣ ଜୀବିକା ମିଶନର ଗୋଷ୍ଠୀ ବ୍ୟବସ୍ଥାଗତ ନେଟଓ୍ୱାର୍କର ସୁବିଧା ଉପଯୋଗ କରି ସଖୀ ଏବଂ ଅନ୍ୟ ତାଲିମପ୍ରାପ୍ତ ଗୋଷ୍ଠୀ ସହାୟକ ବ୍ୟକ୍ତିବିଶେଷ ପେନ୍‌ସନ ସମ୍ବନ୍ଧୀୟ ସହାୟତା ଓ ପଞ୍ଜୀକରଣ ସମ୍ପର୍କରେ ଗ୍ରାମାଞ୍ଚଳରେ ସଚେତନତା ସୃଷ୍ଟି କରିପାରିବେ ।

# ୟୁପିଆଇ-ପେମେଣ୍ଟ

୨ହଜାର ଟଙ୍କା ପର୍ଯ୍ୟନ୍ତ ୟୁପିଆଇ କାରବାର ଉପରେ ବ୍ୟାଙ୍କ୍ କୌଣସି ଶୁଳ୍କ ଲାଗୁ କରିପାରିବ ନାହିଁ ବୋଲି ସରକାର ସ୍ପଷ୍ଟ କରିଛନ୍ତି । ଏ ସଂକ୍ରାନ୍ତ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଛି । ବିଜ୍ଞପ୍ତି ଅନୁଯାୟୀ ରୁପେ ଡେବିଟ୍‌କାର୍ଡ଼ ମାଧ୍ୟମରେ କରାଯାଉଥିବା ୨ହଜାର ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ଦେଣନେଣ ଉପରେ ବ୍ୟାଙ୍କ୍ କିମ୍ବା ସୁବିଧାପ୍ରଦାନକାରୀ ସଂସ୍ଥା କୌଣସି ପ୍ରକାର ପ୍ରତ୍ୟକ୍ଷ ବା ପରୋକ୍ଷ ଶୁଳ୍କ ଲାଗୁ କରିପାରିବେ ନାହିଁ । ୟୁପିଆଇ କାରବାର ନେଇ ଶୁଳ୍କ ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ଏହି ବିଜ୍ଞପ୍ତିରେ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ ସୂଚନା ପ୍ରଦାନ କରାଯାଇଛି । ୟୁପିଆଇ ମାଧ୍ୟମରେ ଆର୍ଥିକ କାରବାର ପାଇଁ ଉପଭୋକ୍ତାଙ୍କଠାରୁ କୌଣସି ଶୁଳ୍କ ଆଦାୟ କରାଯିବ ନାହିଁ ବୋଲି ଗତମାସରେ ସରକାର ଘୋଷଣା କରିଥିଲେ । ତେବେ ଭବିଷ୍ୟତରେ ବାଣିଜ୍ୟିକ ରିହାତି ହାର ପ୍ରଦାନ କ୍ଷେତ୍ରରେ ଏକ ନିର୍ଦ୍ଦିଷ୍ଟ ସୀମାଠାରୁ ଅଧିକ ଚିହ୍ନଟ କାରବାର ପର୍ଯ୍ୟନ୍ତ ଏହି ଶୁଳ୍କ ସୀମିତ ରହିବ ବୋଲି ସରକାର କହିଥିଲେ । ବ୍ୟକ୍ତିଗତ ସ୍ତରରେ ୟୁପିଆଇ କାରବାର ନିଶୁଳ୍କ ରହିବ ଏବଂ ବ୍ୟବସାୟିଙ୍କ କ୍ଷେତ୍ରରେ ସମ୍ପୂର୍ଣ୍ଣ ବାଣିଜ୍ୟିକ ରିହାତି ହାର ବ୍ୟବସ୍ଥା କାର୍ଯ୍ୟକ୍ଷମ ହୋଇନାହିଁ ବୋଲି ଅର୍ଥମନ୍ତ୍ରଣାଳୟ କହିଛି ।

# କ୍ରିକେଟ୍

ଭାରତ ଓ ଆଫଗାନିସ୍ତାନ ପୁରୁଷ ବର୍ଗ ଚଳିତ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆଜି ଖେଳାଯିବ । ନୂଆଦିଲ୍ଲୀର ଅରୁଣ ଜେଟ୍‌ଲି ଷ୍ଟାଡିୟମ୍‌ଠାରେ ସନ୍ଧ୍ୟା ସାଢ଼େ ୭ଟାରେ ଏହି ମ୍ୟାଚ୍ ଅନୁଷ୍ଠିତ ହେବ । ଗତ ରବିବାର ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଭାରତ ୭ ଓ୍ୱିକେଟ୍‌ରେ ଆଫଗାନିସ୍ତାନକୁ ପରାସ୍ତ କରି ସିରିଜ୍‌ରେ ୧-୦ରେ ଆଗୁଆ ରହିଛି । ଆସନ୍ତା ଗୁରୁବାର ଦିନ ସେହି ଅରୁଣ ଜେଟ୍‌ଲୀ ଷ୍ଟାଡିୟମ୍‌ରେ ତୃତୀୟ ତଥା ଅନ୍ତିମ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି ।